# NATIONAL NEWS BULLETIN (ODIA)

## 3 October - 2026

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌କୁ ଆଜି ପୁରିଲା ୧୨ ବର୍ଷ ।

- ବିଶ୍ୱସ୍ତରରେ ଏକ ମୁକ୍ତ ବାଣିଜ୍ୟ ସମ୍ପର୍କ ଶୃଙ୍ଖଳ ସୃଷ୍ଟି କରିବାକୁ ଭାରତ କରୁଛି ପ୍ରୟାସ - କହିଲେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ।

- ନିଶା କାରବାରରେ ଜଡିତ ପଳାତକ ନବପ୍ରୀତ୍ ସିଂହଙ୍କ ପ୍ରତ୍ୟାବର୍ତ୍ତନ ଏକ ଐତିହାସିକ ସଫଳତା ବୋଲି ବର୍ଣ୍ଣନା କଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ଫ୍ଲାଏ ଦୁବାଇ ବିମାନର ସହ ପାଇଲଟ ଆତଙ୍କବାଦୀ କାର୍ଯ୍ୟ କରିବାକୁ ପ୍ରୟାସ କରିଥିବା ନେଇ ପ୍ରାଥମିକ ତଦନ୍ତରୁ ମିଳିଛି ସୂଚନା ।

ଏବଂ

- ଏସୀୟ କ୍ରୀଡ଼ା ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରି ଭାରତୀୟ ପୁରଷ ଦଳର ସ୍ୱର୍ଣ୍ଣପଦକ ହାସଲ ।

# ମନ୍ କି ବାତ୍-୧୨ ଇୟର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'କୁ ଆଜି ୧୨ ବର୍ଷ ପୂରଣ ହୋଇଛି । ୨୦୧୪ ମସିହାରେ ବିଜୟାଦଶମୀ ଅବସରରେ ଆଜିର ଦିବସରେ ଏହି କାର୍ଯ୍ୟକ୍ରମର ପ୍ରଥମ ସଂସ୍କରଣ ପ୍ରସାରିତ ହୋଇଥିଲା । ମନ୍ କି ବାତ୍‌ର ଇତିମଧ୍ୟରେ ୧୩୮ଟି ସଂସ୍କରଣ ପ୍ରସାରିତ ହୋଇସାରିଛି । ଗତ ୧୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ଦେଶବାସୀଙ୍କ ମଧ୍ୟରେ ସକରାତ୍ମକ ପରିବର୍ତ୍ତନକୁ ପ୍ରେରଣା ପ୍ରଦାନ କରିବା ସହିତ ଭାରତର ବିକାଶ ଯାତ୍ରାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଆସିଛି । ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିବେଶ ସଂରକ୍ଷଣ, ନବସୃଜନ ଏବଂ ସାମାଜିକ ସେବା ଆଦି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କ ପ୍ରଚେଷ୍ଟାକୁ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କ ପାଖରେ ଉପସ୍ଥାପନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ ଏବଂ ଆକାଶବାଣୀ ନ୍ୟୁଜ୍, ୱେବ୍‌ସାଇଟ୍, ନ୍ୟୁଜ୍ ଅନ୍ ଏଆଇଆର୍, ମୋବାଇଲ ଆପ୍‌ରେ ମଧ୍ୟ ସିଧାସଳଖ ପ୍ରସାରିତ ହୋଇଥାଏ । ଏଥିସହ ଆକାଶବାଣୀ ନ୍ୟୁଜ୍, ଡିଡି ନ୍ୟୁଜ୍, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚ୍ୟାନ୍‌ଲରେ ସିଧା ପ୍ରସାରଣ କରାଯାଇଥାଏ ।

# ଗୋଏଲ ଇକୋନୋମି ଶିକାଗୋ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି ଭାରତ ଏକ ମୁକ୍ତ ବାଣିଜ୍ୟ ସମ୍ପର୍କର ଶୃଙ୍ଖଳ ସୃଷ୍ଟି କରିବାକୁ ପ୍ରୟାସ ଜାରି ରଖିଛି । ଏହାଦ୍ୱାରା ବିଶ୍ୱର ପ୍ରାୟ ୮୦ ପ୍ରତିଶତ ଅର୍ଥନୈତିକ କ୍ଷେତ୍ର ସଂଶ୍ଳିଷ୍ଟ ହୋଇପାରିବ । ଶିକାଗୋଠାରେ ଆମେରିକା, ଭାରତ କମ୍ୟୁନିଟି ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଶ୍ରୀ ଗୋଏଲ କହିଛନ୍ତି ଇତିମଧ୍ୟରେ ବାଣିଜ୍ୟକ୍ଷେତ୍ରରେ ସମ୍ପର୍କ ବୃଦ୍ଧି ନେଇ ଭାରତ ବିଭିନ୍ନ ରାଷ୍ଟ୍ର ସହ ବ୍ୟାପକ ଆଲୋଚନା ଜାରି ରହିଛି । ଏହି ପଦକ୍ଷେପ ଭାରତରେ କାର୍ଯ୍ୟକରୁଥିବା କମ୍ପାନୀଗୁଡ଼ିକ ପାଇଁ ଆନ୍ତର୍ଜାତିକ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ୨୦୧୪ ପୂର୍ବରୁ ଭାରତ ପ୍ରାୟ ୧୦ ଟ୍ରିଲିୟନ ଡଲାର ଜିଡିପି ଆଧାରିତ ଅର୍ଥନୈତିକ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା କରିଥିବାବେଳେ ଏବେ ପ୍ରାୟ ୬୦ ଟ୍ରିଲିୟନ ଡଲାର ଅର୍ଥନୈତିକ ରାଷ୍ଟ୍ରଗୁଡ଼ିକ ସହ ଚୁକ୍ତି ନେଇ ପଦକ୍ଷେପ ଗ୍ରହଣ କରିଛି । ଗତ ସାଢ଼େ ୪ ବର୍ଷ ମଧ୍ୟରେ ୩୧ଟି ବିକଶିତ ଓ ବିକାଶଶୀଳ ଦେଶ ସହ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବା ନେଇ ପ୍ରୟାସ ଜାରି ରଖିଛି । ଏବେ ପ୍ରାୟ ୧୫ ଟ୍ରିଲିୟନ ଡଲାର ବିଶିଷ୍ଟ ପାଖାପାଖି ୮ଟି ଅର୍ଥନୈତିକ ରାଷ୍ଟ୍ର ସହ ଚୁକ୍ତିନାମା ନେଇ ଆଲୋଚନା ଜାରି ରହିଛି । ଭାରତରେ ଉତ୍ପାଦନ କ୍ଷେତ୍ରକୁ ଏହା ଅଧିକ ବ୍ୟାପକ କରିବା ସହ ସୁଯୋଗ ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଶ୍ରୀ ଗୋଏଲ କହିଛନ୍ତି ।

ପୂର୍ବରୁ ଅନ୍ୟଏକ ବୈଠକରେ ଶ୍ରୀ ଗୋଏଲ ଭାରତ-ଆମେରିକା ଦ୍ୱିପାକ୍ଷିକ ଆର୍ଥିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବାରେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଭାରତୀୟ ଉଦ୍ୟୋଗଗୁଡ଼ିକ ପାଇଁ ଆନ୍ତର୍ଜାତିକ ପୁଞ୍ଜିନିବେଶ, ସୀମାପାର କର, ନିୟାମକ ଅନୁପାଳନ ତଥା ଅର୍ଥନୈତିକ ବ୍ୟବସ୍ଥାକୁ ସହଯୋଗ ପ୍ରଦାନ କରିବାପାଇଁ ଶ୍ରୀ ଗୋଏଲ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଆହ୍ୱାନ ଦେଇଛନ୍ତି । ଶିକାଗୋ, ମିଶିଗାନ ଏବଂ ଓହିଓ ଚାପ୍ଟରର ଭାରତୀୟ ଚାଟାର୍ଡ ଆକାଉଣ୍ଟାଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଶ୍ରୀ ଗୋଏଲ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭରଶୀଳ ଏବଂ ବୈଶ୍ୱିକ ସ୍ତରରେ ପ୍ରତିଯୋଗିତାମୂଳକ ଦୃଷ୍ଟିକୋଣ ଆଧାରରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ସୁଦୃଢ଼ ହୋଇଛି ବୋଲି ଶ୍ରୀ ଗୋଏଲ କହିଛନ୍ତି ।

## ଶାହା-ନବପ୍ରୀତ ସିଂହ

ତୁର୍କୀରୁ ନିଶା କାରବାର ମୁଖ୍ୟ ଅଭିଯୁକ୍ତ ନବପ୍ରୀତ ସିଂହଙ୍କୁ ଭାରତ ଫେରାଇ ଆଣିବା ସରକାରଙ୍କ ଏକ ଐତିହାସିକ ସଫଳତା ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି ନବପ୍ରୀତ୍ ସିଂହ 'ନବାବଭିର୍କ' ଛଦ୍ମନାମରେ ସେ ତୁର୍କୀର ନାଗରିକତ୍ୱ ହାସଲ କରିଥିଲେ ଏବଂ ସେଠାରୁ ଆଫଗାନିସ୍ତାନ

ଦେଇ ଭାରତକୁ ହେରୋଇନ୍ ଓ ମେଥାମଫେଟାମାଇନ୍ ଭଳି ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିଲେ ।

ଶ୍ରୀ ଶାହା କହିଛନ୍ତି ବିଭିନ୍ନ ସଂସ୍ଥା ତାଙ୍କର ପ୍ରକୃତ ପରିଚୟ ଖୋଜି ବାହାର କରିବାକୁ ଲଗାତର ଉଦ୍ୟମ କରିଥିଲେ ଏବଂ ଶେଷରେ ତାଙ୍କୁ ଭାରତ ଫେରାଇ ଆଣିବାରେ ସରକାର ସଫଳ ହୋଇଥିଲେ ।

## ୟୁଏଇ-ଫ୍ଲାଏ ଦୁବାଇ ଇନ୍‌ଭେଷ୍ଟିକେସନ

ସଂଯୁକ୍ତ ଆରବ ଏମିରେଟ୍‌ସର ଆଟର୍ଣ୍ଣି ଜେନେରାଲ କାଉନ୍‌ସେଲର ଡକ୍ଟର ହମାଦ ସୈଫ ଅଲ୍ ସାମ୍‌ସି କହିଛନ୍ତି ଫ୍ଲାଏ ଦୁବାଇ ବିମାନ 'ଏଫ୍-ଜେଡ୍ ୧୦୭୩'ର ସହ ପାଇଲଟ ଆତଙ୍କବାଦୀ କାର୍ଯ୍ୟ କରିବାକୁ ପ୍ରୟାସ କରିଥିଲେ । ତଦନ୍ତରୁ ଏହା ଜଣାପଡିଥିବା ସେ କହିଛନ୍ତି । ଅଲ୍ ସାମ୍‌ସିଙ୍କ ବକ୍ତବ୍ୟକୁ ଉଦ୍ଧାର କରି ଏମିରେଟ୍‌ସ ସମ୍ବାଦ ସରବରାହ ସଂସ୍ଥା କହିଛି ସହ ପାଇଲଟ ବିମାନ ଉଡାଣ ସମୟରେ ଡେକ୍ ମଧ୍ୟରେ କ୍ୟାପ୍‌ଟେନ୍‌କୁ ଛୋଟ କୁରାଢ଼ି ମାଧ୍ୟମରେ ଆକ୍ରମଣ କରିଥିଲେ । ବିମାନକୁ ନିଜ ନିୟନ୍ତ୍ରଣକୁ ନେବାପାଇଁ ଚେଷ୍ଟା କରିବା ସହ ତାଙ୍କର ଆତଙ୍କବାଦୀ ଚିନ୍ତାଧାରାକୁ ଫଳପ୍ରଦ କରିବା ନେଇ ପ୍ରୟାସ କରିଥିବା ଜଣାପଡିଛି । ତେବେ ଘଟଣାର ସମ୍ପୂର୍ଣ୍ଣ ପରିସ୍ଥିତି, ଉଦ୍ଦେଶ୍ୟ ଏବଂ ଅନ୍ୟାନ୍ୟ ଯୋଗାଯୋଗ ସମ୍ପର୍କରେ ତଦନ୍ତ ଜାରି ରହିଥିବା କୁହାଯାଇଛି । ସମସ୍ ଆବଶ୍ୟକୀୟ ପ୍ରକ୍ରିୟା ଶେଷ

ହେବା ପରେ ତଦନ୍ତର ନିର୍ଯ୍ୟାସ ଉପରେ  ସୂଚନା ପ୍ରଦାନ କରାଯିବ ବୋଲି ଆଟର୍ଣ୍ଣି ଜେନେରାଲ ଅଲ୍ ସାମ୍‌ସୀ କହିଛନ୍ତି ।

## ସେବା ସଂକଳ୍ପ-ନମୋ ଡ୍ରୋନ୍ ଦିଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ନମୋ ଡ୍ରୋନ୍  ଦିଦି ଯୋଜନା' ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

କୃଷି କ୍ଷେତ୍ରରେ ମହିଳାଙ୍କୁ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ସହ ଅଧିକ ସଂଶ୍ଳିଷ୍ଟ କରିବା ଲକ୍ଷ୍ୟ ନେଇ ଏହି ଯୋଜନାକୁ ଦେଶବ୍ୟାପୀ କାର୍ଯ୍ୟକାରୀ କରାଯାଇଛି । ୨୦୨୩ ନଭେମ୍ବର ମାସରେ କେନ୍ଦ୍ର କ୍ୟାବିନେଟ୍ ଏହି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଥିଲା । ଗତ ୩ ବର୍ଷ ମଧ୍ୟରେ ଯୋଜନା ଅଧୀନରେ ୧ହଜାର ୨୬୧ କୋଟି ଟଙ୍କା ବ୍ୟୟ ଅଟକଳକୁ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଥିଲା । ମନୋନୀତ ମହିଳାଙ୍କୁ ଯୋଜନା ଅଧୀନରେ ୧୫ହଜାର କୃଷି ଡ୍ରୋନ୍ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି । ଏହା ମାଧ୍ୟମରେ ମହିଳାଙ୍କ ପାଇଁ ନୂତନ ଜୀବିକାର ମାର୍ଗ

ଉନ୍ମୁକ୍ତ ହୋଇଛି । ଡ୍ରୋନ୍ ଉପଯୋଗ ମାଧ୍ୟମରେ କୃଷି କ୍ଷେତ୍ରରେ ସାର ଓ କୀଟନାଶକ ପ୍ରୟୋଗ ନେଇ ସହଯୋଗ ପ୍ରଦାନ କରାଯାଇ ପାରୁଛି । ଏହାର ଉପଯୋଗ ନେଇ ମହିଳାଙ୍କୁ ତାଲିମ ପ୍ରଦାନ କରାଯିବା ସହ ଉଡାଭିତ୍ତିରେ ଡ୍ରୋନ୍ ବ୍ୟବହାର କରି ସେମାନେ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ହୋଇପାରୁଛନ୍ତି । ଏ ବାବଦରେ ସରକାର ୮୦ ପ୍ରତିଶତ ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ପ୍ରଦାନ କରୁଛନ୍ତି । ଏଥିପାଇଁ ଋଣ ବ୍ୟବସ୍ଥାର ସୁବିଧା ରହିଛି । ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ...

**V/O**

# ନେପାଳ ଆକ୍ସିଡେଣ୍ଟ

ନେପାଳରେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହେବା ସହ ୧୩ଜଣ ଆହତ ହୋଇଛନ୍ତି । ନୱ୍ୱଲ ପରାସି ଜିଲ୍ଲାର ଦାଉନେ ଅନ୍ତର୍ଗତ ଗଣ୍ଡକି ଅଞ୍ଚଳରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ବସ୍‌ରେ ଡ୍ରାଇଭରକୁ ମିଶାଇ ୧୮ଜଣ ଯାତ୍ରୀ ରହିଥିଲେ । ଆହତଙ୍କୁ ସ୍ଥାନୀୟ ହାସପାତାଲରେ ଚିକିତ୍ସା କରାଯାଉଛି ବୋଲି ସ୍ଥାନୀୟ ପୁଲିସ ସୂଚନା ଦେଇଛି ।

# ଏସିଆନ୍ ଗେମ୍‌ସ

ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଉତ୍କର୍ଷ ପ୍ରତିପାଦନ କରୁଛନ୍ତି । ବିଭିନ୍ନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି

ପଦକ ହାସଲ କରିବା ସହ ଭାରତର ପଦକ ସଂଖ୍ୟା ବୃଦ୍ଧି ପାଇ ଚାଲିଛି । ପ୍ରତିଯୋଗିତାର ଆଜିର ଚତୁର୍ଦ୍ଦଶ ଦିବସ ସୁଦ୍ଧା ଭାରତ ଏପର୍ଯ୍ୟନ୍ତ ୧୯ଟି ସ୍ୱର୍ଣ୍ଣପଦକ ହାସଲ କରିସାରିଲାଣି ।

ପୁରୁଷ ଟି-୨୦ କ୍ରିକେଟ୍ ବର୍ଗରେ ଭାରତ ସ୍ୱର୍ଣ୍ଣପଦକ ହାସଲ କରିଛି । ଫାଇନାଲ ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରି ଭାରତୀୟ ଦଳ ଏହି ସଫଳତା ପାଇଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୬ ୱିକେଟ୍ ବିନିମୟରେ ୨୧୧ ରନ୍ ସଂଗ୍ରହ କରିଥିଲା । ୨୧୨ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୬ ୱିକେଟ୍ ବିନିମୟରେ ୧୯୨ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

ଗଲ୍‌ଫ ଖେଳରେ ପ୍ରଣବୀ ଉର୍ସ୍ସ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହି ବର୍ଗରେ ଭାରତୀୟ ଦଳ ରୌପ୍ୟ ପଦକ ହାସଲ କରିଛି । ତୀରଚାଳନା ପ୍ରତିଯୋଗିତାରେ ପୁରୁଷ ରିକର୍ଭ ଇଭେଣ୍ଟରେ ନୀରଜ ଚୌହ୍ୱାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏଥିସହ ଭାରତର ପଦକ ସଂଖ୍ୟା ୮୧ କୁ ବୃଦ୍ଧି ପାଇଛି ।

ଭାରତୀୟ ଖେଳାଳିଙ୍କର ଏହି ସଫଳତା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି ।